# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କଲେ ରୁଷା ଟିମ୍

## ପରୀକ୍ଷାଗାର ଓ ଶ୍ରେଣୀଗୃହର ଭିଡିଓ ଚିତ୍ର ଉତ୍ତୋଳନ, ବିଦ୍ୟାର୍ଥୀଙ୍କ ମତାମତ ସଂଗ୍ରହ

ବ୍ରହ୍ମପୁର, ୪।୩(ବ୍ୟୁରୋ)-ଦୀର୍ଘ ଦିନର ବ୍ୟବଧାନ ପରେ ରାଜ୍ୟ ସରକାରଙ୍କ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା)ର ଏକ ୭ଜଣିଆ ଟିମ୍ ଆଜି ପୂର୍ବାହ୍ନରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ଆସି ଶିକ୍ଷାନୁଷ୍ଠାନର ସ୍ଥିତାବସ୍ଥା ଅନୁଧ୍ୟାନ କରିଛନ୍ତି। ରାଜ୍ୟ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍‌ର ସଂଯୋଜକ ଡ.ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଆସିଥିବା ରାଜ୍ୟଉଚ୍ଚଶିକ୍ଷା ବିଭାଗର ଏହି ଟିମ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶ୍ରେଣୀଗୃହ, ପାଠାଗାର, ପରୀକ୍ଷାଗାର, ସମ୍ମିଳନୀ କକ୍ଷ, ସ୍ମାର୍ଟରୁମ୍ ଇତ୍ୟାଦି ପରିଦର୍ଶନ କରିବା ସହିତ ଛାତ୍ରଛାତ୍ରୀଙ୍କ ସହିତ ମଧ୍ୟ କଥାବାର୍ତ୍ତା କରିଥିଲେ। ଛାତ୍ରଛାତ୍ରୀଙ୍କ ଠାରୁ ଅଧ୍ୟୟନ ପ୍ରଣାଳୀ ଓ ଅନୁଷ୍ଠାନର ସମସ୍ୟା ସମ୍ପର୍କରେ ରୁଷା ଟିମ୍ ପଚାରିବୁଝିଥିଲେ। ଏହାସହିତ ବିଶ୍ୱବିଦ୍ୟାଳୟର ଓଏସଡି ପ୍ରଫେସର ମନ୍ମଥ ପାଢୀ, ରେଜିଷ୍ଟ୍ରାର ଡ.ରାଧାନାଥ ରଥ, ବିଶ୍ୱବିଦ୍ୟାଳୟର ରୁଷା ସଂଯୋଜକ ତଥା କଲେଜ ଡେଭଲପମ୍ୟାଣ୍ଟ କାଉନସିଲର ନିର୍ଦ୍ଦେଶକ ଡ.ବି.କେ.ମହାନ୍ତିଙ୍କ ସହିତ ଟିମ୍ ଆଲୋଚନା କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ କୋଠା ଓ ପରୀକ୍ଷାଗାରର ସ୍ଥିତାବସ୍ଥାର ପ୍ରମାଣ ରଖିବା ପାଇଁ ସେମାନେ ବିଭିନ୍ନ ପରୀକ୍ଷାଗାର ଓ ଶ୍ରେଣୀ ଗୃହର ଭିଡ଼ିଓ ଚିତ୍ର ଓ ଫଟୋ



କମ୍ପ୍ୟୁଟର ଲ୍ୟାବ୍ ପରିଦର୍ଶନ କରୁଛନ୍ତି ରୁଷା ଟିମ୍

ମଧ୍ୟ ସଂଗ୍ରହ କରିଥିଲେ। ଏହି ସବୁ ଭିଡିଓ ଚିତ୍ର ରାଜ୍ୟ ସରକାରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ। ବିଶ୍ୱବିଦ୍ୟାଳୟରେ ଯାହା କିଛି ଭିତ୍ତିଭୂମି ରହିଛି ସେ ସମ୍ପର୍କରେ କମିଟି ରାଜ୍ୟ ସରକାରଙ୍କୁ ଏକ ରିପୋର୍ଟ ଦେବ ବୋଲି କହିଛନ୍ତି ଟିମ୍‌ର ଅଧ୍ୟକ୍ଷ ଡ.ମିଶ୍ର। ମିଳିଥିବା ସୂଚନା ଅନୁସାରେ ନୂତନ ଭାବେ ଗଠିତ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୫୫ କୋଟି ଟଙ୍କା। ଅନୁଦାନ ଯୋଗାଇଦେବା ପ୍ରସ୍ତାବ ରହିଛି। ବିଭିନ୍ନ ଅନୁଦାନ ଯୋଗାଇଦେବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଡିପିଆର୍ ପ୍ରସ୍ତୁତ ହୋଇଛି। ବର୍ତ୍ତମାନ ସୁଦ୍ଧା ବିଶ୍ୱବିଦ୍ୟାଳୟକୁ କୌଣସି ଅନୁଦାନ ମିଳିନାହିଁ। ଅନୁଦାନ ଯୋଗାଇଦେବା ପୂର୍ବରୁ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି କ'ଣ ରହିଛି ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଏହି ଟିମ୍ ଏଠାକୁ ଆସିଛି। ବିଶ୍ୱବିଦ୍ୟାଳୟର ବିଭିନ୍ନ ଭିତ୍ତିଭୂମି ଓ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଦେବା ପରେ ଏହା ଉପରେ ଅନୁଦାନ ମିଳିବା ସମ୍ଭାବନା ରହିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ ଏକ ବର୍ଷ ହେଲା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଗଠିତ ହୋଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟକୁ ବର୍ତ୍ତମାନ ସୁଦ୍ଧା ଉଚ୍ଚତର ଶିକ୍ଷା ଅଭିଯାନ କିଛି ଅନୁଦାନ ଯୋଗାଇଦେଇନାହିଁ। କେବଳ ସାମାଜିକ ବିଜ୍ଞାନ କୋଠା ନିର୍ମାଣ ପାଇଁ ୩କୋଟି ଟଙ୍କା ଅନୁଦାନ ମିଳିଛି। ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ନିମନ୍ତେ ପାଲୁର ହିଲ୍ସଠାରେ ୨୦ଏକର ଜମି ଚିହ୍ନଟ ହୋଇଛି। କିନ୍ତୁ କୋଠା ନିର୍ମାଣ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ଅନୁଦାନ ମିଳିପାରିନାହିଁ। ଚିହ୍ନଟ ହୋଇଥିବା ଜମି ରାଜସ୍ୱ ବିଭାଗ ପାଖରେ ଥିବାରୁ ତାହା ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର ହେବା ପରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସମ୍ଭାବନା ରହିଛି। ତେଣୁ ବିଶ୍ୱବିଦ୍ୟାଳୟ ଏବେ ସଂପୂର୍ଣ୍ଣ ରୂପେ ରୁଷା ଅନୁଦାନ ଉପରେ ନିର୍ଭର କରୁଛି। ଆଗାମୀ ଶିକ୍ଷା ବର୍ଷରେ ରୁଷା ଏହି କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ରୁଷା କେତେ ଟଙ୍କା ଅନୁଦାନ ଦେଉଛନ୍ତି ତାହା ସ୍ପଷ୍ଟ ହେବ।